# କଲ୍ୟାଣୀନଗରରେ ରୁଚି ପକ୍ଷରୁ ଖାଦ୍ୟ ସାମଗ୍ରୀ ବିତରଣ



କଟକ,୨୧।୫/ଏନ୍‌ଏନ୍‌ଏସ୍: କରୋନା ପ୍ରଭାବିତ କଟକର ସହର ତଳି ଅଞ୍ଚଳରେ ବିପନ୍ନ ବସ୍ତିବାସିନ୍ଦାଙ୍କୁ ରୁଚି ମସଲା ଉଦ୍ୟୋଗ ପକ୍ଷରୁ ଶୁଖିଲା ଖାଦ୍ୟ ସାମଗ୍ରୀ ସହିତ ସାବୁନ ଆଦି ବିତରଣ କରାଯାଇଛି । କଲ୍ୟାଣୀନଗର ଅଞ୍ଚଳରେ ରାସନ ସାମଗ୍ରୀ ପାଇନଥିବା ଅସହାୟ ଲୋକମାନଙ୍କୁ ରୁଚି ପକ୍ଷରୁ ସ୍ଥାନୀୟ ହସଖୁସି ଚାରିଟେବୁଲ୍ ଟ୍ରଷ୍ଟ ସହଯୋଗରେ ଏହି ସାମଗ୍ରୀ ବଣ୍ଟନ କରାଯାଇଥିଲା । 'ରୁଚି'ର ନିର୍ଦ୍ଦେଶକ ଅରବିନ୍ଦ ସାହୁଙ୍କ ସହଯୋଗ କ୍ରମେ ଟ୍ରଷ୍ଟର ସଭାପତି ଡକ୍ଟର ବ୍ୟୋମକେଶ କାନୁନ୍‌ଗୋ, ଲିପ୍ସିମୟୀ ମହାନ୍ତି, ହରଦେବ ସିଂହ, ସୁବାଶିଷ ବାରିକ, ନିଶୀଥ କୁମାର ଜେନା, ବିଶ୍ୱଜିତ ସାହୁ ଓ ଅମୀୟ ଦାସଙ୍କ ସମେତ 'ରୁଚି'ର ଲୋକ ସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ଓ ବରିଷ୍ଠ ସୂଚନା ଅଧିକାରୀ ଡକ୍ଟର ନିହାର ରଞ୍ଜନ ସାହୁ ପ୍ରମୁଖ ଏହି ସାମଗ୍ରୀ ବିତରଣ କରିଥିଲେ । ଏହା ପୂର୍ବରୁ କଟକ ମହାନଗର ନିଗମ କାର୍ଯ୍ୟାଳୟଠାରେ ଡେପୁଟି କମିଶନରଙ୍କୁ ରୁଚି ପକ୍ଷରୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା ।